## ସଂକ୍ଷେପରେ

### କୋରାପୁଟରୁ ୧୯୮ ଆକ୍ରାନ୍ତ ଚିହ୍ନଟ

କୋରାପୁଟ,୩୧।୫(ସ୍ୱ.ପ୍ର.)- କୋରାପୁଟ ଜିଲାରୁ ସୋମବାର ୧୯୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୮୭ ମହିଳା ଓ ୧୧୧ ପୁରୁଷ ଅଛନ୍ତି। ଜୟପୁର ମୁନିସିପାଲଟିରୁ ୨୪, କୋରାପୁଟ ମୁନିସିପାଲଟିରୁ ୧୬, ସୁନାବେଡା ମୁନିସପାଲଟିରୁ ୭ ଓ କୋଟପାଡ ଏନ୍ଏସିରୁ ୯ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ବନ୍ଧୁଗାଁ ବ୍ଲକରୁ ୨, ବୋରିଗୁମ୍ମାରୁ ୨୯, ବୈପାରିଗୁଡାରୁ ୬, ଦଶମନ୍ତପୁରରୁ ୭, ଜୟପୁର ବ୍ଲକରୁ୧୦, କୋରାପୁଟ ବ୍ଲକରୁ ୫, କୋଟପାଡରୁ ୨୧, ଲମତାପୁଟରୁ ୧, ଲକ୍ଷ୍ମୀପୁରରୁ ୬, ନନ୍ଦପୁରରୁ ୮, ନାରାୟଣପାଟଣାରୁ ୫, ପଟ୍ଟାଙ୍ଗୀରୁ ୬ ଓ ସେମିଳିଗୁଡା ବ୍ଲକରୁ ୮ ଓ କୁନ୍ଦୁରାରୁ ୨୮ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତ ସଂଖ୍ୟା ୧୪, ୯୯୭ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ମୋଟ ୧୨୬୦୩ ଜଣ ସୁସ୍ଥ ହୋଇଛନ୍ତି। ଜିଲାରେ ୨୩୫୨ଟି ସକ୍ରୀୟ କେଶ ରହିଛି। ବର୍ତ୍ତମାନ ସୁଦ୍ଧା ଜିଲାରେ ୨ ଲକ୍ଷ ୮୬ ହଜାର ୨୫୪ ଜଣଙ୍କୁ ଟିକା ପ୍ରଦାନ କରାଯାଇଛି।

### ରାୟଗଡ଼ାରୁ ୧୪୮ ଆକ୍ରାନ୍ତ, ଜଣେ ମୃତ

ରାୟଗଡା ଅଫିସ, ୩୦।୫- ରାୟଗଡାରେ କରୋନା ଦ୍ୱିତୀୟ ଲହରରେ ସଂକ୍ରମଣହାର କରାଳ ରୂପ ଧାରଣ କରିଛି। ଲଗାତାର ଆକ୍ରାନ୍ତଙ୍କ ଗ୍ରାଫ ବଢୁଥିବାବେଳେ ମୃତକଙ୍କ ସଂଖ୍ୟା ମଧ ଅନୁରୂପ ଶତକ ଡେଇଁଛି। ସୋମବାର ସୁଦ୍ଧା ଜିଲାରେ ୧୦୧ଜଣ ବ୍ୟକ୍ତି କରୋନା ସଂକ୍ରମିତ ହୋଇ ପ୍ରାଣ ହରାଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ସୋମାବାର ପୁଣି ୧୪୮ଜଣ ମହାମାରୀ ସଂକ୍ରମିତ ହୋଇଥିବା ଜଣାପଡିଛି। ରାୟଗଡା ସହରାଞ୍ଚଳରୁ ୩୦, ଗ୍ରାମାଞ୍ଚଳରୁ ୧୬, ରାମନାଗୁଡାରୁ ୫, ପଦ୍ମପୁରରୁ ୧୩, ମୁନିଗୁଡାରୁ ୧, କୋଲନରାରୁ ୨୨, କଲ୍ୟାଣସିଂପୁରରୁ ୭ ଓ କାଶୀପୁରରୁ ୨୮, ଗୁଣୁପୁର ସହରାଞ୍ଚଳରୁ ୮, ଗୁଡାରୀରୁ ୪, ବିଷମମକଟକରୁ ୧୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ଉକ୍ତ ରୋଗୀଙ୍କୁ ମିଶାଇ ଜିଲାରେ ବର୍ତ୍ତମାନ ସୁଦ୍ଧା ୧୪୬୪ଜଣ ସକ୍ରିୟ ରୋଗୀ ଅଛନ୍ତି। ମୋଟ ପଜିଟିଭ ସଂଖ୍ୟା ୧୫୬୪୧ଥିବାବେଳେ ୧୪୦୭୬ ସୁସ୍ଥ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ୭୨ ଜଣ ପୁରୁଷ ୭୬ ଜଣ ମହିଳା ଅଛନ୍ତି।

### ୧୦୦ ଟପିଲା ପେଟ୍ରୋଲ ଦର




ମାଲକାନଗିରି,୩୧।୫ (ଡ.ଏନ୍.ଏ.) ରାଜ୍ୟରେ ଏବେ କରୋନା ଭୂତାଣୁ ତାର କାୟା ବିସ୍ତାର କରିଚାଲିଛି। ତେଣୁ ସରକାର ଲକ୍ଡାଉନ୍ ଓ ଶଟ୍ଡାଉନ୍ ଘୋଷଣା କରିଛନ୍ତି। କରୋନା ମହାମାରୀ ପ୍ରଭାବରେ ସମସ୍ତଙ୍କ ଆର୍ଥିକ ସ୍ଥିତିରେ ସମସ୍ୟା ଦେଖା ଦେଇଛି। ତେବେ ଏତିକି ବେଳେ ପେଟ୍ରୋଲର ଆକାଶ ଛୁଆଁ ଦର ଏବେ ମୁଣ୍ଡ ଉପରେ ନଳିତା ବିଡା ଭଳି ଉଭା ହୋଇଛି। ମାଲକାନଗିରିରେ ବର୍ତ୍ତମାନ ତୈଳ ଦର ୧୦୦.୨ ଟଙ୍କା ରହିଛି। ଡିଜେଲ ଦର ୯୭.୬୯ରେ ପହଞ୍ଚିଛି। ସେହିପରି ମାଲକାନଗିରି ଜିଲା କଲିମେଳା ବ୍ଲକରେ ପେଟ୍ରୋଲ ଦର ୧୦୧ ପାର କରିଛି। ଯାହାକି ରାଜ୍ୟରେ ସର୍ବାଧିକ। ସାଧାରଣ ଜନତାଙ୍କ ପାଇଁ ଏହା ମୁଣ୍ଡ ବଥାର କାରଣ ପାଲଟିଛି। କରୋନା ଯୋଗୁ ଜନସାଧାରଣଙ୍କ କାମଧନ୍ଦାରେ ମାନ୍ଦାବସ୍ଥା ଦେଖା ଦେଇଥିବା ବେଳେ ପେଟ୍ରୋଲ୍ ଦର ସେମାନଙ୍କ ଚିନ୍ତା ଆହୁରି ବଢାଇ ଦେଇଛି। ଏହି ପରି ପେଟ୍ରୋଲ ଦର ବୃଦ୍ଧି ଯୋଗୁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଦିନକୁ ଦିନ ଏହି ତୈଳ ଦର ବୃଦ୍ଧି ହେଉଥିବାରୁ ଗ୍ରାହକମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତୈଳ ବୃଦ୍ଧି ଯୋଗୁ ବିଭିନ୍ନ ସାମଗ୍ରୀର ଦର ମଧ ବଢିବାରେ ଲାଗିଛି ଯାହାକି ସାଧାରଣ ଜନତାଙ୍କ ପଇଁ ଚିନ୍ତାର ବିଷୟ ପାଲଟିଛି। ଏହି ପରିସ୍ଥିତିରେ ପେଟ୍ରୋଲ ଦର କମାଇବା ପାଇଁ ସାଧାରଣ ଜନତା ସରକାରଙ୍କୁ ଅନୁରୋଧ କରିଛନ୍ତି।

### କର୍କଟ ରୋଗୀଙ୍କୁ ସହାୟତା

ମାଲକାନଗିରି, ୩୧।୫ (ଡି.ଏନ୍.ଏ.) ଜଣେ ମହିଳା କର୍କଟ ରୋଗୀଙ୍କ ଚିକିତ୍ସା ପାଇଁ ସାମାଜିକ କର୍ମୀ ବିନୋଦ ଟାୱାରୀ ୪୦ହଜାର ଟଙ୍କା ଆର୍ଥିକ ସହାୟତା ଦେଇଛନ୍ତି। ମାଲକାନଗିରି ସଦର ବ୍ଲକ ପାଣ୍ଡ୍ରିପାଣି ପଞ୍ଚାୟତ ସଦର ମହକୁମା ଫକିରି ଖେଳୁଆଡ ସିଂ(୬୫) ମୁଖ କର୍କଟରେ ପୀଡିତ ଥିଲେ। ତେବେ ପାଣ୍ଡ୍ରିପାଣି ସ୍ୱାସ୍ଥ୍ୟ କେନ୍ଦ୍ରରୁ ଔଷଧ ଖାଉଥିଲେ ମଧ ସେ ସୁସ୍ଥ ହୋଇ ପାରୁ ନାହାନ୍ତି। ବର୍ତ୍ତମାନ ସେ କଟକ ବଡ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି। ତାଙ୍କର ଔଷଧ ପାଇଁ ଅର୍ଥର ଆବଶ୍ୟକତା ବିଷୟରେ ଅବଗତ ହୋଇ ବିନୋଦ ଫକିରିଙ୍କ ଜମା ଖାତାରେ ୪୦ ହଜାର ଟଙ୍କା ପଠାଇଥିଲେ। ଫକିରି ଓ ତାଙ୍କ ପରିବାର ଲୋକେ ବିନୋଦଙ୍କୁ ଧନ୍ୟବାଦ ଦେଇଛନ୍ତି।

# ତାଳପଦରରେ ନୂତନ ସ୍କୁଲ, ଅଙ୍ଗନୱାଡି କେନ୍ଦ୍ର ଖୋଲାଯାଉ

**ବିଡିଓଙ୍କୁ ଦାବିପତ୍ର**
- ୨ କି.ମି. ଦୂର ସ୍କୁଲକୁ ଯାଉଛନ୍ତି ପିଲା
- ପାରି ହେବାକୁ ପଡୁଛି ବିପଦସଙ୍କୁଳ ନାଳ

ବୈପାରୀଗୁଡା,୩୧।୫(ଡି.ଏନ୍.ଏ.)

ବୈପାରୀଗୁଡା ବ୍ଲକ କାଠପଡା ପଞ୍ଚାୟତ ଅଧୀନ ତାଳପଦରରେ ଏକ ନୂତନ ପ୍ରାଥମିକ ବିଦ୍ୟାଳୟ ଓ ଆଉ ଗୋଟିଏ ଅଙ୍ଗନୱାଡି କେନ୍ଦ୍ର ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ନେଇ ଅଞ୍ଚଳବାସୀ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବୈପାରିଗୁଡ଼ା ବିଡିଓ ଅଭିମନ୍ୟୁ କବି ଶତପଥୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଗ୍ରାମରେ ପ୍ରାୟ ୧ ଶହରୁ ଊର୍ଦ୍ଧ୍ୱ ପାଠ ପଢା ବୟସର ପିଲା ଅଛନ୍ତି। ଗାଁ ରେ ପ୍ରାଥମିକ ବିଦ୍ୟାଳୟ ନ ଥିବା କାରଣରୁ ଅନେକ ପିଲା ପାଠ ପଢାରୁ ବଞ୍ଚିତ ହେଉଛନ୍ତି। ପିଲାମାନେ ଗାଁଠାରୁ ୨ କି.ମି. ଦୂର ଚିପାକୁର ପଞ୍ଚାୟତ ଝୁଲଣିସ୍ଥିତ ପ୍ରାଥମିକ ବିଦ୍ୟାଳୟକୁ ଯାଇ ପାଠ ପଢୁଛନ୍ତି। ସେମାନଙ୍କୁ ରାସ୍ତାରେ ବିପଦଶଙ୍କୁଳ ନାଳ ପାର ହେବାକୁ ପଡୁଛି। ସେହିପରି ଗୋଟିଏ ମାତ୍ର ଅଙ୍ଗନୱାଡି କେନ୍ଦ୍ର ଥିବାବେଳେ ୫ ବର୍ଷ ବୟସ ମଧ୍ୟରେ ପ୍ରାୟ ୧୫୦ ଶିଶୁ ଅଛନ୍ତି। ତେଣୁ ଆଉ ଗୋଟିଏ ଅଙ୍ଗନୱାଡି କେନ୍ଦ୍ର ଖୋଲିବାକୁ ଗ୍ରାମବାସୀ ଦାବି କରିଛନ୍ତି।


ଗ୍ରାମବାସୀ ବିଡିଓଙ୍କୁ ଦାବିପତ୍ର ଦେଉଛନ୍ତି।

# ଗୋଟିଏ ଦୋକାନ ସିଲ୍, ୨ଟିରୁ ଜରିମାନା



ଅଧିକାରୀମାନେ ଦୋକାନରୁ ଜରିମାନା ଆଦାୟ କରୁଛନ୍ତି।

ଉମରକୋଟ, ୩୧।୫(ସ୍ୱ.ପ୍ର.)

କରୋନା କଟକଣା ଉଲ୍ଲଂଘନ ଅଭିଯୋଗରେ ଉମରକୋଟ ପୋଲିସ ଓ ପ୍ରଶାସନ ଗୋଟିଏ ଦୋକାନ ସିଲ୍ ଓ ଦୁଇଟି ଦୋକାନରୁ ଜରିମାନା ଆଦାୟ କରିଛନ୍ତି। ଉମରକୋଟ ପୋଲିସ ପାଟ୍ରୋଲିଂ କରୁଥିବାବେଳେ କେତେଜଣ ଦୋକାନୀ କଟକଣା ନ ମାନି ବ୍ୟବସାୟ କରୁଥିବା ଦେଖିଥିଲେ। ସେମାନେ ୨ଟି ଦୋକାନରୁ ୧୫ ହଜାର ଲେଖାଏ ଜରିମାନା ଆଦାୟ କରିବା ସହ ଗୋଟିଏ ମୋବାଇଲ ଦୋକାନ ସିଲ୍ କରିଛନ୍ତି। ଏହି ଚଢ଼ାଉ ସମୟରେ ଉମରକୋଟ ଅତିରିକ୍ତ ତହସିଲଦାର ଉମେଶ ଚନ୍ଦ୍ର ପୂଜାରୀ, ଥାନା ଅଧିକାରୀ ନରେଶ ପ୍ରଧାନ ଉପସ୍ଥିତ ଥିଲେ।

# ଆଇନଜୀବୀଙ୍କୁ କୋଭିଡ୍ ଯୋଦ୍ଧା ଘୋଷଣା କରାଯାଉ

ଜୟପୁର, ୩୧।୫ (ନି.ପ୍ର.)

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଜୟପୁର ଗସ୍ତରେ ଆସିଥିବା ବେଳେ ଜୟପୁର ଜିଲା ଓକିଲ ସଂଘ ପକ୍ଷରୁ ତାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଆଇନଜୀବୀଙ୍କୁ କୋଭିଡ୍ ଯୋଦ୍ଧା ଘୋଷଣା, ତାଙ୍କ ପରିବାରକୁ ଟିକା ଦେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି।

କରୋନା ସମୟରେ ଆଇନଜୀବୀମାନେ କୋର୍ଟରେ ଉପସ୍ଥିତ ରହି ଲୋକଙ୍କୁ ନ୍ୟାୟ ଦେବାରେ ସହଯୋଗ କରୁଛନ୍ତି। କରୋନା କାଳରେ ସେମାନେ ବାହାରକୁ ଆସୁଥିବାରୁ କୋଭିଡ୍ରେ ଆକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି। ତେଣୁ ଓକିଲମାନଙ୍କୁ କୋଭିଡ୍ ଯୋଦ୍ଧା ଘୋଷଣା କରାଯାଇ ଆବଶ୍ୟକ ସୁବିଧା ସୁଯୋଗ ଦିଆଯାଉ ବୋଲି ଆଇନଜୀବୀମାନେ ଦାବି କରିଛନ୍ତି। କରୋନା ଯୋଦ୍ଧାଙ୍କୁ ଯେଉଁ ସୁବିଧା ଦିଆଯାଉଛି ତାହା ସେମାନଙ୍କୁ ମିଳୁ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଆଇନଜୀବୀ, ତାଙ୍କ ପରିବାର ଓ କୋର୍ଟରେ କାର୍ଯ୍ୟରତ କ୍ଲର୍କମାନଙ୍କୁ ଟିକା ଦେବାକୁ ଦାବି ହୋଇଛି। ଓକିଲ ସଂଘ ସଭାପତି ସରୋଜ ଦାଶ, ଉପସଭାପତି ଶରତ କୁମାର ମାଝି, କୋଷାଧ୍ୟକ୍ଷ ଗୋପବନ୍ଧୁ ସାନ୍ତ୍ରା, ସମ୍ପାଦକ ଆନନ୍ଦ ରଥ, ଯୁଗ୍ମ ସମ୍ପାଦକ ଗିରିଧର ଖରା ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

## ଯୁବକଙ୍କ ମୃତଦେହ ଜବତ

ଛତ୍ରପୁର, ୩୧।୫(ଡି.ଏନ୍.ଏ.)

ଛତ୍ରପୁର ଉପକଣ୍ଠ ଗଞ୍ଜାମ ଥାନା ଅନ୍ତର୍ଗତ ବଡ଼ ଶଙ୍ଖରୁ ଗଞ୍ଜାମ ଯିବା ପାଇଁ ଥିବା ପୁରୁଣା ବ୍ରିଜ ରାସ୍ତା ପାର୍ଶ୍ୱ ଏକ ଗଛତଳୁ ରବିବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ମୃତକଙ୍କ ପରିଚୟ ମିଳିପାରି ନାହିଁ। ଗଛତଳେ ମୃତଦେହ ପଡ଼ିଥିବା ଖବରପାଇ ଛତ୍ରପୁର ଏସ୍ଡିପିଓ ଗୌତମ କିସାନ, ଗଞ୍ଜାମ ଥାନା ଅଧିକାରୀ ଶୁଭେନ୍ଦୁ ସାହୁ, ଛତ୍ରପୁର ଥାନା ସେକେଣ୍ଡ ଅଫିସର ସତ୍ୟଜିତ ବେଣିଆ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଥିଲେ। ଗଞ୍ଜାମ ପୋଲିସ ମୃତଦେହକୁ କରିଥିଲା। ଏ ନେଇ ନଂ.୩/୨୧ରେ ଏକ ମାମଲା ରୁଜୁ କରାଯାଇଛି।

# ତମାଖୁ ବର୍ଜନ କରିବାକୁ ଶପଥ ନେଲେ ଗ୍ରାମବାସୀ

ଜୟପୁର, ୩୧।୫(ନି.ପ୍ର.)

କୋରାପୁଟ ଜିଲା ଜୟପୁରଠାରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ କରାଯାଇଛି। ଜିଲା ଜୁନିୟର ରେଡ୍କ୍ରସ୍ ଅଧିକାରୀ ଯଜ୍ଞେଶ୍ୱର ପଣ୍ଡା

**ଶୁଖିଆଗୁଡ଼ାରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ**

ଶୁଖିଆଗୁଡ଼ା ଗ୍ରାମକୁ ଯାଇ ଲୋକଙ୍କୁ ତମାଖୁ ସେବନର ଅପକାରିତା,ତମାଖୁ ସେବନ ଦ୍ୱାରା ସୃଷ୍ଟି ହେଉଥିବା ବିଭିନ୍ନ ରୋଗ ସମ୍ପର୍କରେ ଅବଗତ କରାଇଥିଲେ। ତମାଖୁ ସେବନ ନ କରିବାକୁ ସେ ଗ୍ରାମବାସୀଙ୍କୁ ଶପଥ ପାଠ କରାଇଥିଲେ। ନିଜେ ତମାଖୁ ଛାଡ଼ିବା ସହ ଅନ୍ୟମାନଙ୍କୁ ଏ ଦିଗରେ ସଚେତନ କରିବାକୁ ସେ ପରାମର୍ଶ ଦେଇଥିଲେ। ରେଡ୍କ୍ରସ୍ ପରାମର୍ଶଦାତା ସୁଜିତ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଗ୍ରାମବାସୀଙ୍କୁ କରୋନା ସମ୍ପର୍କରେ ସଚେତନ କରାଇବା ସହ ମାସ୍କ ବଣ୍ଟନ କରାଯାଇଥିଲା।


ଗ୍ରାମବାସୀ ତମାଖୁ ସେବନ ନ କରିବାକୁ ଶପଥ ନେଉଛନ୍ତି।

## ନାବାଳିକାଙ୍କୁ ବଳପୂର୍ବକ ବିବାହ

ପାତ୍ରପୁର,୩୧।୫(ଡି.ଏନ.ଏ.)

ନାବାଳିକା ଝିଅକୁ ବଳପୂର୍ବକ ବିବାହ କରାଇବା ଘଟଣା ମା' ବାପାଙ୍କୁ ମହଙ୍ଗା ପଡ଼ିଛି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଥାନା ପୋଲିସକୁ କୁହାଯାଇଛି। ପାତ୍ରପୁର ବ୍ଲକ ଜରଡ଼ା ଥାନା ଅଞ୍ଚଳରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଥାନା ଅଞ୍ଚଳର ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ ତାଙ୍କ ମା'ବାପା ଗତ ୨୭ ତାରିଖରେ ଜଣେ ଯୁବକଙ୍କ ସହ ବଳପୂର୍ବକ ବିବାହ କରାଇଥିଲେ। ନାବାଳିକା ଜଣକ ଏ ନେଇ ଚାଇଲ୍ଡ ହେଲ୍ପ ଲାଇନକୁ ଫୋନ କରି ଜଣାଇଥିଲେ। ପରେ ସେ ପାତ୍ରପୁର ଆଇସିଡିଏସ କାର୍ଯ୍ୟାଳୟ ଯାଇ ନିଜ ଥଇଥାନ ପାଇଁ ସିଡିପିଓଙ୍କୁ ଜଣାଇଥିଲେ। ସିଡ଼ିପିଓ ପଦ୍ମିନୀ ସାହୁ ସୋମବାର ନାବାଳିକାଙ୍କୁ ଥଇଥାନ ଓ ସୁରକ୍ଷା ପାଇଁ ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରିଛନ୍ତି। ଏଥିସହ ନାବାଳିକାଙ୍କ ମା ବାପାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜରଡା ଥାନା ଅଧିକାରୀଙ୍କୁ ଅବଗତ କରାଇଛନ୍ତି।

# ପ୍ରେମ ପାଇଁ ବନ୍ଧୁଙ୍କୁ ହତ୍ୟା

**୩ ଅଭିଯୁକ୍ତ ଗିରଫ**

ରାୟଗଡ଼ା ଅଫିସ/ଟିଟିଲାଗଡ଼, (ଡି.ଏନ୍.ଏ.),୩୧।୫

ପ୍ରେମ ପାଇଁ ତୁଚ୍ଛ ହୋଇଗଲା ବନ୍ଧୁତ୍ୱ। ପ୍ରେମିକାଙ୍କୁ ପାଇବା ପାଇଁ ବନ୍ଧୁଙ୍କ ଜୀବନ ନେଇଗଲେ। ରାୟଗଡ଼ା ଜିଲା କଲ୍ୟାଣସିଂହପୁର ଥାନା ଅଞ୍ଚଳରେ ଘଟିଛି ଏଭଳି ଘଟଣା। ପୋଲିସ ଏହି ଘଟଣାରେ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ରୁମାନ ବରର୍ତ୍ତି, ପ୍ରଶାନ୍ତ ବରର୍ତ୍ତି ଏବଂ ବିକାଶ ଭଙ୍ଗ।

ସୂଚନା ଅନୁଯାୟୀ, ବଲାଙ୍ଗୀର ଜିଲା ଟିଟିଲାଗଡ଼ ଦେବଲାପଡ଼ା ଗ୍ରାମର ଉମାକାନ୍ତ କାଣ୍ଡ ଏବଂ ଟିଟିଲାଗଡ଼ ଶିରିଭଟାପଡ଼ା ଗ୍ରାମର ବନ୍ଧୁ ରୁମାନ ବରର୍ତ୍ତି ଜଣେ ଯୁବତୀଙ୍କୁ ଏକତରଫା ପ୍ରେମ କରୁଥିଲେ। ଉମାକାନ୍ତ ଉକ୍ତ ଯୁବତୀଙ୍କ ସହ କଥାବାର୍ତ୍ତା କରୁଥିବା ଦେଖି ରୁମାନ ସହିପାରି ନ ଥିଲେ। ସେ ପ୍ରତିଶୋଧ ପରାୟଣ ହୋଇ ଯୁବତୀଙ୍କୁ ମାରପିଟ କରିବା ସହ ଉମାକାନ୍ତଙ୍କୁ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲେ। ମେ ୨ରେ ସେ ନିଜ ସମ୍ପର୍କୀୟଙ୍କ ଘର ରାୟଗଡ଼ାକୁ ଆସି ହତ୍ୟାର ସମସ୍ତ ଯୋଜନା କରିଥିଲେ। ରୁମାନ ସମ୍ପର୍କୀୟ ଭାଇ ପ୍ରଶାନ୍ତ ବରର୍ତ୍ତି ଏବଂ ଅନ୍ୟ ଜଣେ ସାଙ୍ଗ ବିକାଶ ଭଙ୍ଗଙ୍କୁ ହତ୍ୟାରେ ସହଯୋଗ କରିବାକୁ କହିଥିଲେ। ଯୋଜନା ଅନୁଯାୟୀ ରୁମାନ ଉମାକାନ୍ତଙ୍କୁ ବୁଲାବୁଲି କରିବା ପାଇଁ ରାୟଗଡ଼ା ଡାକିଥିଲେ। ଉମାକାନ୍ତ ମେ ୪ରେ ରାୟଗଡ଼ାରେ ପହଞ୍ଚିଥିଲେ। ସେଠାରେ ଏକ ଭୋଜିର ଆୟୋଜନ କରାଯାଇଥିଲ। ଉମାକାନ୍ତଙ୍କୁ ମଦ ପିଆଇ ରୁମାନ ଏବଂ ତାଙ୍କ ସହଯୋଗୀମାନେ ମିଶି ତଣ୍ଟିଚିପି ହତ୍ୟା କରିଥିଲେ। ପରେ କଲ୍ୟାଣସିଂହପୁର ବ୍ଲକ୍ ମଙ୍ଗଳି ଗାଁ ନିକଟ ଘୋଡ଼ାନାଳରେ ପୋତିଦେଇଥିଲେ। ହତ୍ୟାକାଣ୍ଡ ପରେ ରୁମାନ ନିଜ ଗାଁକୁ ଚାଲିଯାଇଥିଲେ। ଉମାକାନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ୧୧ ତାରିଖରେ ଟିଟିଲାଗଡ଼ ଥାନାରେ ଏତଲା ଦେଇଥିଲେ। ପୋଲିସ ଉମାକାନ୍ତଙ୍କ ମୋବାଇଲ ନମ୍ବରକୁ ଟ୍ରାକ୍ କରି ହତ୍ୟାକାରୀଙ୍କୁ ଧରିବାରେ ସଫଳ ହୋଇଛି। ତେବେ ଘଟଣାରେ ଅଧିକ ତଦନ୍ତ ଜାରି ରହିଥିବା ରାୟଗଡ଼ା ଏସ୍ଡିପିଓ ଦେବଜ୍ୟୋତି ଦାଶ ସୂଚନା ଦେଇଛନ୍ତି।

# ଶିକୁଳିରେ ବନ୍ଧା ଭେଣ୍ଡାପୁଅ

**ସରକାରୀ ସହାୟତା ଅପେକ୍ଷାରେ ଜାନକୀ**

ଟିକିରି,୩୧।୫(ଡି.ଏନ୍.ଏ.)

ସ୍ୱାମୀ ଚାଲିଯିବା ପରେ ଘର ଚଳିବା ସହଜ ନ ଥିଲା। ହେଲେ ୩ ପୁଅଙ୍କୁ ନେଇ ଅନେକ ସ୍ୱପ୍ନ ରହିଥିଲା। କଷ୍ଟକରି ତିନି ପୁଅଙ୍କୁ ବଡ଼ କରିଥିଲେ। କିନ୍ତୁ ସବୁ କିଛି ଯେମିତି ଓଲଟପାଲଟ ହୋଇଗଲା। ମଝିଆପୁଅ ଘରଠାରୁ ଅଲଗା ହୋଇ ରହୁଥିବାବେଳେ ବଡ଼ପୁଅ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଆଉ ଫେରିଲେ ନାହିଁ। ସାନପୁଅ ହିଁ ଭରସା ହୋଇଥିଲେ। ହେଲେ ତାଙ୍କ ଜୀବନରେ ସେତକ ସୁଖ ମଧ ରହିଲାନି। କିଛି ମାସ ହେଲା ସାନପୁଅର ମାନସିକ ସ୍ଥିତି ବିଗିଡ଼ିବା ଯୋଗୁ ତାଙ୍କୁ ଶିକୁଳିରେ ବାନ୍ଧି ରଖିବାକୁ ବାଧ ହୋଇଛନ୍ତି। ଏ ହେଉଛି ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ହାଟପଦା ସାହିର ଜାନକୀ ପରିଛାଙ୍କ ଦୁଃଖ।

ସାନପୁଅ ମନୋଜ(୨୨) ମାନସିକ ସ୍ଥିତି ଖରାପ ଯୋଗୁ ସେ ଘର ଛାଡ଼ି କେଉଁଆଡ଼େ ଚାଲିଯାଉଥିବାବେଳେ ଜାନକୀଙ୍କ ପାଇଁ ଖୋଜିବା କଷ୍ଟକର ହୋଇପଡୁଛି। ଅନ୍ୟ ଘରେ କାମ କରି ଘର ଚଳାଉଥିବା ଜାନକୀଙ୍କ ପାଇଁ ପୁଅକୁ ଜଗିରହିବା କଷ୍ଟକର ହୋଇପଡୁଛି। ଫଳରେ ସେ କୋହକୁ ଚାପି ଭେଣ୍ଡାପୁଅକୁ ଘରେ ଶିକୁଳିରେ ବାନ୍ଧି ରଖିବାକୁ ବାଧ ହୋଇଥିବା କହିଛନ୍ତି। ଆର୍ଥିକ ସ୍ଥିତି ଖରାପ ଯୋଗୁ ପୁଅର ଭଲ ଚିକିତ୍ସା ମଧ କରାଇ ପାରୁ ନ ଥିବା ମା' ଜାନକୀ କୋହଭରା କଣ୍ଠରେ କହିଛନ୍ତି। ସରକାର ଚିକିତ୍ସା କ୍ଷେତ୍ରରେ ସାହାଯ୍ୟକଲେ ପୁଅ ଭଲ ହୋଇପାରିବ ବୋଲି ସେ ଆଶା ରଖିଛନ୍ତି।


ମା' ଜାନକୀଙ୍କ ସହ ମନୋଜ।

## ୧୭ କୁଇଣ୍ଟାଲ ଗଞ୍ଜେଇ ଜବତ, ୩ ଗିରଫ

ଫୁଲବାଣୀ ଅଫିସ, ୩୧।୫

କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ପୋଲିସ ପାଡିପାଙ୍ଗା ଗ୍ରାମ ରାସ୍ତାରେ ଚଢ଼ାଉ କରି ୩୪ଟି ବସ୍ତାରୁ ୧୭ କୁଇଣ୍ଟାଲ ୧୦ କିଲୋ ୨୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପାଡିପାଙ୍ଗାର ସୁମନ୍ତ କହଁର, ପୀତବାସ କହଁର ଓ ଲତମପଦରର କୁମର ବେହେରା। ପାଡିପାଙ୍ଗା ଗ୍ରାମ ରାସ୍ତାରେ ଗଞ୍ଜେଇ ଚାଲାଣ କରିବାକୁ ଯୋଜନା ଚାଲିଥିବା ପୋଲିସକୁ ଖବର ମିଳିଥିଲା। ପୋଲିସ ଏକ ଟିମ୍ ଗଠନ କରି ଉକ୍ତ ରାସ୍ତା ଅଭିମୁଖେ ଯାଇଥିଲା। ସେଠାରେ ୩ ଅଭିଯୁକ୍ତଙ୍କୁ ପୋଲିସ କାବୁ କରି ଗଞ୍ଜେଇ ବସ୍ତା ଜବତ କରିଥିଲା। ଏ ନେଇ ଥାନାରେ ନଂ.୬୪/୨୧ରେ ମାମଲା ରୁଜୁ ହୋଇଛି।

# ଏବିଇଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା


ଅବସରକାଳୀନ ସଭାରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ଡାବୁଗାଁ/ଉମରକୋଟ, ୩୧।୫ (ଡି.ଏନ୍.ଏ./ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଡାବୁଗାଁ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଲକ୍ଷ୍ମୀକାନ୍ତ ବାହିନୀପତି ସୋମବାର କାର୍ଯ୍ୟରୁ ଅବସର ନେଇଛନ୍ତି। ବିଇଓ ପ୍ରଶାନ୍ତ କୁମାର ହୋତାଙ୍କ ଅଧ୍ୟକ୍ଷତାରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ସୋମବାର ଅନୁଷ୍ଠିତ ହୋଇ ଯାଇଛି। ବାହିନୀପତିଙ୍କ କାର୍ଯ୍ୟଶୈଳୀ, ଅମାୟିକ ବନ୍ଧୁତା ଏବଂ ସମସ୍ତଙ୍କ ପ୍ରତି ଥିବା ତାଙ୍କର ନିଷ୍ଠାପର ସହଯୋଗକୁ ସମସ୍ତେ ମନେ ପକାଇ ଥିଲେ। ଏହାପରେ ସମସ୍ତେ ତାଙ୍କର ସୁସ୍ଥ, ନିରୋଗ ଜୀବନ ସହ ଅବସରକାଳୀନ ବାକି ସମୟ ଶୁଭଙ୍କର ହେଉ ବୋଲି କାମନା କରିଥିଲେ। ଏହି ଅବସରରେ ଏବିଇଓ ମହେଶ ଚନ୍ଦ୍ର ଶାହା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ କୃଷ୍ଣଚନ୍ଦ୍ର ପଣ୍ଡା, ରତିକାନ୍ତ ନାୟକ, ରାଇସିଂ ପୂଜାରୀ, ଧନସିଂ ତନ୍ତୀ, ପଙ୍କଜ କୁମାର ମହାନ୍ତି, ପ୍ରକାଶ ଚନ୍ଦ୍ର ଖଟୁଆ, ହେମଧର ନାୟକ, ଶିକ୍ଷକ ବଲ୍ଲଭ ନାରାୟଣ ପଣ୍ଡା, ବିଶ୍ୱେଷ କୁମାର ତ୍ରିପାଠୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିକାଶ ରଞ୍ଜନ ନିଶଙ୍କ ପରିଚାଳନା କରିଥିଲେ।

# ୧୫ ଦିନ ହେବ ଅନ୍ଧାରରେ ମାଝିଗୁଡ଼ାବାସୀ

- ବିଡିଓଙ୍କୁ ଦାବିପତ୍ର
- ଘଡଘଡିରେ ପୋଡିଯାଇଛି ଟ୍ରାନ୍ସଫର୍ମର

ବୈପାରୀଗୁଡା, ୩୧।୫(ଡି.ଏନ୍.ଏ.)

ବୈପାରୀଗୁଡା ବ୍ଲକ ବାଲିଗାଁ ପଞ୍ଚାୟତ ଅଧୀନ ମାଝିଗୁଡା ଗ୍ରାମରେ ୧୫ ଦିନ ତଳେ ବିଜୁଳି ଘଡଘଡି ଯୋଗୁ ଟ୍ରାନ୍ସଫର୍ମର ପୋଡିଯାଇଛି। କିନ୍ତୁ ଏ ପର୍ଯ୍ୟନ୍ତ ସେଠାରେ ନୂତନ ଟ୍ରାନ୍ସଫର୍ମର ବସାଯାଇ ନାହିଁ। ଫଳରେ ଗ୍ରାମବାସୀ ସେବେଠାରୁ ଅନ୍ଧାରରେ ଅଛନ୍ତି।

ଲକ୍ଡାଉନ୍ ଯୋଗୁ ଲୋକେ ବାହାରକୁ ଯାଇ ପାରୁ ନାହାନ୍ତି। ଏଣେ ଗ୍ରୀଷ୍ମ ପ୍ରବାହ ଯୋଗୁ କରେଣ୍ଟ ନ ଥିବାରୁ ଅନ୍ଧାର, ଗୁଳୁଗୁଳି ଓ ଗରମରେ ଲୋକେ ଅତିଷ୍ଠ ହୋଇପଡୁଛନ୍ତି। ମୋବାଇଲ୍କୁ ଚାର୍ଜ କରିବା ସମ୍ଭବ ହେଉନାହିଁ। ଫୋନ୍ ଗୁଡିକ ଅଚଳ ହୋଇପଡିଛି। ଛାତ୍ରୀଛାତ୍ରଙ୍କର ଅନ୍ଲାଇନ୍ ପାଠପଢା ବନ୍ଦ ହୋଇଯାଇଛି। ତେଣୁ ତୁରନ୍ତ ଟ୍ରାନ୍ସଫର୍ମର କାର୍ଯ୍ୟକ୍ଷମ କରିବାକୁ ଗ୍ରାମବାସୀ ସୋମବାର ବିଡିଓ ଅଭିମନ୍ୟୁ କବି ଶତପଥୀଙ୍କ ଜରିଆରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

# ଡାକ୍ତର ଅଭାବ, ଲୋକଙ୍କୁ ମିଳୁନି ଉପଯୁକ୍ତ ସ୍ୱାସ୍ଥ୍ୟସେବା

**ଇନ୍ଦ୍ରାବତୀ ପ୍ରକଳ୍ପ ହସ୍ପିଟାଲ**

- ୬ ବଦଳରେ ଅଛନ୍ତି ୨ ଡାକ୍ତର
- ହସ୍ପିଟାଲ ଉପରେ ନିର୍ଭର କରନ୍ତି ୧୦ ପଞ୍ଚାୟତବାସୀ

ତେନ୍ତୁଳିଖୁଣ୍ଟି, ୩୧।୫(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡ଼ାସ୍ଥିତ ଇନ୍ଦ୍ରାବତୀ ପ୍ରକଳ୍ପ ଡାକ୍ତରଖାନା ଉପରେ ୨ଟି ବ୍ଲକର ୧୦ ପଞ୍ଚାୟତବାସୀ ନିର୍ଭର କରନ୍ତି। କିନ୍ତୁ ଏଠାରେ ଡାକ୍ତର ନ ଥିବାରୁ ଲୋକଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳିପାରୁନାହିଁ। ଏଠାରେ ନିଯୁକ୍ତି ପାଉଥିବା ଡାକ୍ତରଙ୍କୁ ବାରମ୍ବାର ଅନ୍ୟତ୍ର ବଦଳି କରାଯାଉଛି। ତେଣୁ ଏହା ଉପରେ ନିର୍ଭର କରୁଥିବା ଲୋକେ ବିଶେଷ ଅସୁବିଧା ଭୋଗୁଛନ୍ତି ବୋଲି ଅଞ୍ଚଳବାସୀ କହିଛନ୍ତି।

ଏଠାରେ ଡାକ୍ତର ଅଭାବ ଥିବା ନେଇ ଅଞ୍ଚଳବାସୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ଜିଲାପାଳ ଅଜିତ୍ କୁମାର ମିଶ୍ର ଏଠାରେ ୩ ଜଣ ଡାକ୍ତରଙ୍କୁ ନିଯୁକ୍ତି ଦେଇଥିଲେ। କିନ୍ତୁ ଡାକ୍ତର ପ୍ରବୋଧ କୁମାର ପ୍ରଧାନଙ୍କୁ ତେନ୍ତୁଳିଖୁଣ୍ଟି ଏବଂ ଡାକ୍ତର ସଇଦ ସାହିଲ ଅହମ୍ମଦଙ୍କୁ ଉମରକୋଟକୁ ବଦଳି କରାଯାଇଛି। ଡାକ୍ତରଖାନାକୁ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଅଧୀନରୁ ଜିଲାପାଳ ସ୍ୱାସ୍ଥ୍ୟ ବିଭାଗକୁ ନେଇ ଡାକ୍ତର ଓ ଅନ୍ୟ କର୍ମଚାରୀଙ୍କ ପାଇଁ କ୍ୱାର୍ଟର୍ସ ବ୍ୟବସ୍ଥା କରାଇଥିଲେ। ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କ ପାଇଁ ଏସି ୱେଟିଂ ହଲ୍ ଆଦି ତିଆରି କରାଯାଉଛି। କିନ୍ତୁ ଡାକ୍ତର ନ ଥିବାରୁ ରୋଗୀ ସେଠାକୁ ଆସୁନାହାନ୍ତି। ଫଳରେ ସେସବୁ ଭିତ୍ତିହୀନ ହୋଇ ପଡୁଛି। ଏହାକୁ ଏକ ସ୍ୱୟଂ ସମ୍ପୂର୍ଣ୍ଣ ଡାକ୍ତରଖାନା କରାଇବାକୁ ଜିଲାପାଳ ଦୃଷ୍ଟି ଦିଅନ୍ତୁ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।



**ସଂକ୍ଷେପରେ**

## ଜେଲରେ ଅବ୍ୟବସ୍ଥା ଅଭିଯୋଗକୁ ଖଣ୍ଡନ
### କଏଦୀଙ୍କ ଭିଡିଓ ଭାଇରାଲ

ମାଲକାନଗିରି,୩୧।୫(ଡି.ଏନ୍.ଏ.)- ମାଲକାନଗିରି ଜିଲା ଉପକାରାଗାରରେ ଅବ୍ୟବସ୍ଥା ନେଇ ଏକ ଭିଡିଓ ଭାଇରାଲ ହୋଇଛି। ଏଥିରେ ଜେଲ୍‌ରେ ଥିବା ଜଣେ କଏଦୀ ଗଣମାଧ୍ୟମ ଉଦ୍ଦେଶ୍ୟରେ କହିଛନ୍ତି ଯେ, ଜେଲ୍ ମଧ୍ୟରେ ଏକ କ୍ୟାଣ୍ଟିନ୍‌ମ୍ ଖୋଲାଯାଇ ସେଥିରେ ସୁସ୍ୱାଦୁ ଆମିଷ ଖାଦ୍ୟ ବିକ୍ରି ହେଉଛି। ସେହିପରି ଜେଲ୍‌ରେ ବିଚାରାଧୀନ ଗଞ୍ଜେଇ ମାଫିଆମାନେ ଫୋନ୍ ବ୍ୟବହାର କରୁଥିବା, କଏଦୀଙ୍କୁ କ୍ୟାଣ୍ଟିନରେ ଖାଇବାକୁ ବାଧ କରାଯାଉଥିବା ଜଣାଇଛନ୍ତି। ତେବେ ଏ ବିଷୟରେ ମାଲକାନଗିରି ଉପକାରାଗାରର ଅଧକ୍ଷ ସଞ୍ଜୟ ବର୍ମାଙ୍କୁ ପଚାରିବାରୁ ସେ କହିଛନ୍ତି, ଏହି ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଭିତ୍ତିହୀନ। ସମସ୍ତ ସରକାରୀ ନିୟମ ଅନୁଯାୟୀ ଜେଲ୍ ପରିଚାଳନା ହେଉଛି। କଏଦୀ ଏବଂ ବିଚାରାଧୀନ ବନ୍ଦୀଙ୍କୁ କୌଣସି ଅବିଚାର କରା ନ ଯାଇ ଖାଦ୍ୟପେୟ, ସ୍ୱାସ୍ଥ୍ୟର ଧ୍ୟାନ ରଖାଯାଉଛି ବୋଲି ସେ କହିଛନ୍ତି।

## ସ୍କିମ୍ ୱାର୍କର୍ସଙ୍କୁ ସହାୟତା ଦାବି

ଗୁଣପୁର,୩୧।୫(ଡି.ଏନ.ଏ)-ରାୟଗଡ଼ା ଜିଲା ଗୁଣପୁର ଦକ୍ଷିଣ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ମହାସଂଘ ପକ୍ଷରୁ ସ୍କିମ୍ ୱାର୍କର୍ସଙ୍କ ୫ ଦଫା ଦାବି ନେଇ ସୋମବାର ପ୍ରତିବାଦ ସଭା କରାଯାଇଥିଲା। ଗୁଣପୁର ବ୍ଲକ୍ ଏସ୍‌ପିଗୁଡ଼ା, ଲୁଙ୍ଗୁରତାଲ ଏବଂ ରିଜିଂତାଲ ଗ୍ରାମରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ସ୍କିମ୍ ୱାର୍କର୍ସମାନେ କରୋନା ଯୋଦ୍ଧାଭାବେ କାର୍ଯ୍ୟ କରୁଥିବାବେଳେ ସେମାନଙ୍କୁ ସହାୟତା ପ୍ରଦାନ ପାଇଁ ଦାବି ହୋଇଥିଲା। ଅଙ୍ଗନୱାଡି, ଆଶାକର୍ମୀ, ମମତା ଏବଂ ପାଚିକା ସହାୟିକା ମାନଙ୍କ ଅକାଳ ମୃତ୍ୟୁ ହେଲେ ୫୦ ଲକ୍ଷ ଟଙ୍କା ପ୍ରଦାନ ସହ ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ପ୍ରଦାନ, ମାସକୁ ୧୦ ହଜାର ଟଙ୍କା ପ୍ରଦାନ, ସେମାନଙ୍କୁ କରୋନା କିଟ ପ୍ରଦାନ, କରୋନାରେ ପୀଡ଼ିତ ସ୍କିମ ୱାର୍କର୍ସଙ୍କ ଚିକିତ୍ସା ସହାୟତା ସରକାର ବହନ କରିବା ଆଦି ଦାବିରେ ଦେଶବ୍ୟାପି ଏହି କାର୍ଯ୍ୟକ୍ରମ ଚାଲିଥିବାବେଳେ ଗୁଣପୁରଠାରେ ମଧ ପ୍ରତିବାଦ ସଭା କରାଯାଇ ପ୍ରଧାନମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ଏ ଦିଗରେ ପଦକ୍ଷେପ ନେବାକୁ ଦାବି କରାଯାଇଥିଲା। ଏଥିରେ ସିପିଆଇଏମ୍‌ଏଲର ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗ, ଅନାସିମ ଶବର, ଦାମଦୋର ଶବର, ବୁଡ ଶବର ଏବଂ ରାଇନା ଶବରଙ୍କ ନେତୃତ୍ୱ ନେଇଥିଲେ।

## ଠିକାଦାରଙ୍କୁ ହତ୍ୟା ଘଟଣାରେ ୨ ଗିରଫ

ସେମିଳିଗୁଡ଼ା, ୩୧।୫(ସ୍ୱ.ପ୍ର.)- କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ କୁନ୍ଦୁଲି ପଞ୍ଚାୟତ ସଦର ଗାଁରେ ଏଲ୍‌ଆଇ କାମ ଠିକାଦାର ରାମ ନନ୍ଦନ ଖିଲଙ୍କୁ ହତ୍ୟା ଘଟଣାରେ ସୋମବାର ୨ଜଣଙ୍କୁ ଗିରଫ କରାଯାଇଛି। ପୋଲିସ ଅଭିଯୁକ୍ତଙ୍କ ନାମ ପ୍ରକାଶ କରିନାହିଁ। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ଠିକାଦାର ରାମନନ୍ଦନଙ୍କୁ କେତେଜଣ ବଟି ମାଗିଥିଲେ। ସେ ଏହା ଦେବାକୁ ମନା କରିବାରୁ ଦୁର୍ବୃତ୍ତମାନେ ୧୯ ତାରିଖରେ ତାଙ୍କୁ ହତ୍ୟା କରିଥିଲେ। କୁନ୍ଦୁଲି, ମାଳିଗୁଞ୍ଜା, କୁତୁଗାଁ ଲୋକେ ୨୦ରେ ୨୬ ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ସେମିଳୁଗୁଡ଼ା, ଦାମନଯୋଡି ଏବଂ ପଟ୍ଟାଙ୍ଗୀ ଥାନାଧିକାରୀ , ସୁନାବେଡ଼ା ଏସ୍‌ଡିପିଓ, ଅତିରିକ୍ତ ଏସ୍‌ପି ସେମାନଙ୍କୁ ବୁଝାଶୁଝା କରିବାପରେ ରାସ୍ତା ଅବରୋଧ ହଟିଥିଲା। ୧୫ ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସେମାନେ ପ୍ରତିଶ୍ରୁତି ଦେଇଥିଲେ। ମୃତକଙ୍କ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ସେମିଳିଗୁଡ଼ା ଥାନାରେ ୩୭/୨୧ରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା।

# ଜଙ୍ଗଲ ଜମି ଜବରଦଖଲ କରି ବସ୍ତି ଗଢ଼ିଛନ୍ତି

ଚିତ୍ରକୋଣ୍ଡା,୩୧।୫(ଡି.ଏନ୍.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ୪ ପଞ୍ଚାୟତର ୧୨ ଗ୍ରାମରେ ରହୁଥିବା ୧୦୫ ପରିବାର ଚିତ୍ରକୋଣ୍ଡା ରାଜଲକୋଣ୍ଡା ନିକଟ ଜଙ୍ଗଲରେ ୪ ମାସ ହେଲା ଜବରଦଖଲ କରି ରହିଛନ୍ତି। ଏଠାରେ ପ୍ରଥମେ ଉଦ୍ୟାନ ବିଭାଗ ଫଳ ବଗିଚା ସମେତ କେତେକ ସ୍ଥାନରେ ଜମି ସଫା କରି ପଲିଥିନ୍ ବାନ୍ଧି ଦଖଲ କରିବାକୁ ଉଦ୍ୟମ କରିଥିଲେ। ଏବେ ସେମାନେ ନିକଟସ୍ଥ ଜଙ୍ଗଲକୁ ସଫାକରି ମାଟି କୁଡ଼ିଆ ବାନ୍ଧି ବସ୍ତିକରି ରହୁଛନ୍ତି। ଏମିତିକି ଉକ୍ତ ବସ୍ତିର ନାମ ତିରୁପତିପୁରମ୍ ରଖିଛନ୍ତି। ମାଲକାନଗିରି ଜିଲା ପ୍ରଶାସନ ସେମାନଙ୍କୁ ବାରମ୍ବାର ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇ ଭିଟାମାଟିକୁ ଫେରିଯିବାକୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ପ୍ରଶାସନ କଥାକୁ ଅଣଦେଖା କରି ଏବେସୁଦ୍ଧା ଘୁଞ୍ଚି ନାହାନ୍ତି।

ପ୍ରଶାସନ ପକ୍ଷରୁ ସ୍ୱାଭିମାନ ଅଞ୍ଚଳର ବିକାଶ ଆଗେଇ ଚାଲିବା ସହ ଅନେକ ପରିବର୍ତ୍ତନ ଘଟିଛି। ଆଗକୁ ମଧ୍ୟ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।




ଜଙ୍ଗଲ ଜମିରେ ଲାଗିଥିବା ସାଇନ୍‌ବୋର୍ଡ ।

ତଥାପି ସେମାନେ ଜାଗା ଛାଡୁ ନ ଥିବା ଜଣାପଡ଼ିଛି। ମାଲକାନଗିରି ଜିଲା ପ୍ରଶାସନର ନିର୍ଦ୍ଦେଶରେ ଜିଲା ପରିଷଦ ଅଧକ୍ଷ ଦଶରଥ ପଡ଼ିଆମି, ଚିତ୍ରକୋଣ୍ଡା ତହସିଲଦାର ଟି. ପଦ୍ମନାଭ ଦୋରା, ଚିତ୍ରକୋଣ୍ଡା ବନାଞ୍ଚଳ ଅଧିକାରୀ ଚନ୍ଦନ ଗମାଙ୍ଗ, ଚିତ୍ରକୋଣ୍ଡା ବନପାଳ ମୃତ୍ୟୁଞ୍ଜୟ ସେଠି, ଆର୍‌ଆଇ ରୁଦ୍ର ପ୍ରସାଦ ଗୌଡ଼ ଏବଂ ଚିତ୍ରକୋଣ୍ଡା ବ୍ଲକ୍‌ଅଧୀନ ବିଭିନ୍ନ ପଞ୍ଚାୟତ ଓ ସ୍ଥାନୀୟ ଗ୍ରାମମୁଖ୍ୟ, ଆଦିବାସୀ ସଙ୍ଗଠନର ସଦସ୍ୟ ଆନନ୍ଦ ପାଙ୍ଗି, ଘେନୁ ମୁଦୁଲି, ବିଦେଶୀ ଗୌଡ଼, ଗଙ୍ଗା ହନ୍ତାଳ, ଗଙ୍ଗାଧର ବଡ଼ନାୟକ, ଦୁର୍ଲଭ ଖିଲ, ମଙ୍ଗରାଜ କିଣ୍ଡାଲ, ଡମ୍ବରୁ ଶୀଶା, ଅର୍ଜୁନ ଦଳାଇ, ଜଗୁ ଡୁରୁ, ବିଜୟ ଭତ୍ରା ପ୍ରମୁଖ ଅନେକ ଥର ଯାଇ ଜବର ଦଖଲକାରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ।



ଅଳ୍ପ ସଂଖ୍ୟକ ଜବରଦଖଲକାରୀଙ୍କୁ ନେଇ ପ୍ରଶାସନର ଆଲୋଚନା ଚାଲିଛି ।

- ୪ ମାସ ହେଲା କରିଛନ୍ତି ଜବରଦଖଲ
- ହଟାଇବାରେ ସଫଳ ହୋଇନି ପ୍ରଶାସନ
- ବିଭିନ୍ନ ବାହାନା ଦେଖାଇ ଜିଦ୍‌ରେ ଅଟଳ ଜବର ଦଖଲକାରୀ

ସୋମବାର ପୁଣି ରାଜଲକୋଣ୍ଡା ନିକଟସ୍ଥ ଜଙ୍ଗଲରେ ପ୍ରଶାସନିକ ଅଧିକାରୀ, ଜନ ପ୍ରତିନିଧି ଓ ସ୍ଥାନୀୟ ବିଭିନ୍ନ ଆଦିବାସୀ ସଙ୍ଗଠନ ଓ ସ୍ଥାନୀୟ ଜନସାଧାରଣ ବହୁ ସମୟ ଧରି ଜବର ଦଖଲକାରୀଙ୍କ ସହ ଆଲୋଚନା ନିମନ୍ତେ ଅପେକ୍ଷା କରିଥିଲେ। ହେଲେ ସେମାନେ ସମାଧାନ ସ୍ଥାନକୁ ଆସି ନ ଥିଲେ। ଅଧିକାରୀମାନେ ଅପେକ୍ଷା କରି ଫେରିବାକୁ ବାହାରିବା ସମୟରେ କେତେଜଣ ଜବର ଦଖଲକାରୀ ଅଧିକାରୀଙ୍କ ପାଖକୁ ଆସି ଆଲୋଚନାରେ ଭାଗ ନେଇଥିଲେ। ହେଲେ ସେମାନେ ବିଭିନ୍ନ ବାହାନା ଦେଖାଇ ସେମାନେ ଉକ୍ତ ଜଙ୍ଗଲ ଜମି ନ ଛାଡ଼ିବାକୁ ଜିଦ୍ ଧରିଥିବା ଜଣାପଡ଼ିଛି।

# ରାଜସ୍ୱ ରଥ ଜରିଆରେ ମିଳିଲା ପଟ୍ଟା

କୋରୁକୋଣ୍ଡା,୩୧।୫(ଡି.ଏନ୍.ଏ.)

ମାଲକାନଗିରିଜିଲ୍ଲା ଚିତ୍ରକୋଣ୍ଡା ତହସିଲ ପକ୍ଷରୁ ସୋମବାର ରାଜସ୍ୱ ରଥ ମାଧ୍ୟମରେ କୋରୁକୋଣ୍ଡା ବ୍ଲକ୍‌ର ଚିତାପାରୀ-୩ ପଞ୍ଚାୟତର ସଦାଶିବପୁର ଗ୍ରାମରେ ପଟ୍ଟା ବଣ୍ଟନ କରାଯାଇଛି। ଜଲାପୁଟ ଡ୍ୟାମ ନର୍ମାଣ ସମୟରେ ବିସ୍ଥାପିତ ହୋଇ ଆସିଥିଲେ ଏହି ଗ୍ରାମବାସୀ। ପୂର୍ବରୁ ଏହି ଗ୍ରାମର ୧୦୦ ପରିବାର ମଧ୍ୟରୁ ୮୯ ପରିବାରକୁ ପଟ୍ଟା ଦିଆଯାଇଥିଲା। ବଳକା ୧୧ ପରିବାରକୁ ସୋମବାର ସଦାଶିବପୁରସ୍ଥିତ ଅଙ୍ଗନୱାଡି କେନ୍ଦ୍ର ନିକଟରେ ୩ ଏକର ଲେଖାଏ ଜମିର ପଟ୍ଟା ପ୍ରଦାନ କରାଯାଇଛି। ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ମାଲକାନଗିରି ଜିଲା ପରିଷଦ ଦଶରଥ ପଡ଼ିଆମୀ, ତହସିଲଦାର ଟି. ପଦ୍ମନାଭ ଦୋରା, ଅତିରିକ୍ତ ତହସିଲଦାର ଅଶୋକ କୁମାର ମୁଦୁଲି, ସ୍ଥାନୀୟ ସରପଞ୍ଚ ପର୍ଶୁରାମ ଗୋଲୋରୀ ଏବଂ ସ୍ଥାନୀୟ ଆର୍‌ଆଇ ଲମ୍ବୋଧର ପାତ୍ର ଉପସ୍ଥିତ ରହି ପଟ୍ଟା ବଣ୍ଟନ କରିଥିଲେ। ଗ୍ରାମର କୁମୁଦିନି ଖରା, ସୁମିତ୍ରା ଖରା, ମାଳତୀ ବାଘ, ମୋତି ସେଠି, ବଲମା ସାଙ୍ଗ ଙ୍କ ସମେତ ଅନ୍ୟମାନଙ୍କୁ ମଧ୍ୟ ତହସିଲ ପକ୍ଷରୁ ପଟ୍ଟା ଦିଆଯାଇଥିଲା।




ଜଣେ ହିତାଧିକାରୀଙ୍କୁ ପଟ୍ଟା ଦିଆଯାଉଛି ।

# ତମାଖୁ ଏକ ନୀରବ ଘାତକ

କୋରାପୁଟ,୩୧।୫(ସ୍ୱ.ପ୍ର.)

**ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ବିଶ୍ୱ ତମାଖୁ ନିଷେଧ ଦିବସ ପାଳିତ**

ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ନିର୍ଦ୍ଦେଶନାମା ଅନୁଯାୟୀ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ସୋମବାର ଭର୍ଚୁଆଲ ମୋଡରେ ବିଶ୍ୱ ତମାଖୁ ନିଷେଧ ଦିବସ ପାଳିତ ହୋଇଯାଇଛି। ଜୈବ ବିବିଧତା ଏବଂ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାଳୟର ଡିନ୍ ପ୍ରଫେସର ଶରତ କୁମାର ପାଲିତ୍‌ଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ଛାତ୍ର, ଶିକ୍ଷାବିତ୍ ଏବଂ ଅଣଶିକ୍ଷାଦାନ କର୍ମଚାରୀମାନେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ନୂଆଦିଲ୍ଲୀସ୍ଥିତ ଭାରତୀୟ ଭେଷଜ ବିଜ୍ଞାନ ପ୍ରତିଷ୍ଠାନର ସେଣ୍ଟର ଫର ଡେଣ୍ଟାଲ ଏଜୁକେଶନ ଆଣ୍ଡ ରିସର୍ଚ୍ଚର ଡକ୍ଟର ରିତୁ ଦୁଗଲ ଯୋଗ ଦେଇଥିଲେ। ତମାଖୁ ଏକ ନୀରବ ଘାତକ ବୋଲି ସେ ମତ ଦେଇଥିଲେ। ତମାଖୁ ଅଭ୍ୟାସ ଦ୍ୱାରା ଆଚରଣରେ ପରିବର୍ତ୍ତନ ହୁଏ ଏବଂ ପରେ ତାହା ନିଶାରେ ପରିବର୍ତ୍ତନ ହୁଏ। ଏହି ନିଶା ସମଗ୍ର ପରିବାରକୁ ପ୍ରଭାବିତ କରିଥାଏ। ତେଣୁ ତମାଖୁକୁ ଜୀବନରୁ ସମ୍ପୂର୍ଣ୍ଣ ଛାଡିବାର ସମୟ ଆସିଯାଇଛି ବୋଲି ସେ ମତ ଦେଇଥିଲେ। କର୍ନାଟକ ଏସ୍‌ଡିଏମ୍ କଲେଜ ଅଫ୍ ଡେଣ୍ଟାଲ ସାଇନ୍ସ ଆଣ୍ଡ ହସ୍ପିଟାଲ ଧରୱାଡର ଜନସ୍ୱାସ୍ଥ୍ୟ ଦନ୍ତ ଚିକିତ୍ସା ବିଭାଗ ପ୍ରଫେସର ଡକ୍ଟର କେ.ଭି.ଭି. ପ୍ରସାଦ ଯୋଗ ଦେଇଥିଲେ। ତମାଖୁ ଟାଣିବା କିମ୍ବା ଚୋବାଇବା ଦ୍ୱାରା ଆମ ଚର୍ମ, ଚେହେରା, ସ୍ମୃତିଶକ୍ତି, ଫୁସ୍‌ଫୁସ୍, ରକ୍ତଚାପ ପ୍ରଭାବିତ ହୋଇଥାଏ। ଏହା ଶରୀରରେ ଅନେକ ପ୍ରକାର ଖରାପ ପ୍ରଭାବ ପକାଇଥାଏ ବୋଲି ସେ ପ୍ରକାଶ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଆଇ. ରାମ ବ୍ରହ୍ମମ ବିଶ୍ୱବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପକ ଓ କର୍ମଚାରୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ତମାଖୁ ଛାଡିବାକୁ ପରାମର୍ଶ ଦେଇଥିଲେ। ପରୀକ୍ଷା ନିୟନ୍ତ୍ରକ ଡକ୍ଟର ରାମ ଶଙ୍କର ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ଲୋକ ସମ୍ପର୍କ ଅଧିକାରୀ ଡକ୍ଟର ଫଗୁନାଥ ଭୋଇଙ୍କ ସମେତ ବହୁ ଛାତ୍ର, ଅଧ୍ୟାପକ, ଅଧିକାରୀମାନେ ଉପସ୍ଥିତ ଥିଲେ।




ଭର୍ଚୁଆଲ ମିଟିଂରେ ସାମିଲ ହୋଇଥିବା ଅତିଥି ଓ ଅନ୍ୟମାନେ।

## ଗଜପତିରେ ଲକ୍‌ଡାଉନ କୋହଳ, ୮୫ ସଂକ୍ରମିତ

ପାରଳାଖେମୁଣ୍ଡି,୩୧।୫(ଡି.ଏନ୍.ଏ.)

ରାଜ୍ୟରେ ଆସନ୍ତା ଜୁନ୍ ୧୭ ତାରିଖ ପର୍ଯ୍ୟନ୍ତ ଲକଡାଉନ ଅବଧି ବୃଦ୍ଧି କରାଯାଇଛି। ରାଜ୍ୟର ତିନି ଜିଲା ମଧ୍ୟରୁ ଗଜପତିରେ ଲକ୍‌ଡାଉନ୍ ପ୍ରକ୍ରିୟା ସାମାନ୍ୟ କୋହଳ ହୋଇଛି। ସମସ୍ତ ଜିଲାରେ ସକାଳ ୭ଟାରୁ ୧୧ଟା ପର୍ଯ୍ୟନ୍ତ ଅତ୍ୟାବଶ୍ୟକ ଦୋକାନଗୁଡ଼ିକ ଖୋଲା ରହିବା ବେଳେ ଗଜପତିରେ କିନ୍ତୁ ସକାଳ ୭ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଖୋଲା ରହିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ରହିଛି। ବିବାହ, ବ୍ରତ ଓ ଶେଷକୃତ୍ୟ ପାଇଁ ପୂର୍ବ ନିୟମ ଜାରି ରହିବ। ସେହିପରି ଗଜପତି ଜିଲାରେ ସୋମବାର ୧୦୦୭ ଜଣଙ୍କ କରୋନ ପରୀକ୍ଷା କରାଯାଇଥିଲା। ଏଥିରୁ ୮୫ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୨ ଜଣଙ୍କ ମୃତ୍ୟୁ ଘଟିଛି। ଆକ୍ରାନ୍ତଙ୍କ ମଧ୍ୟରୁ ନୂଆଗଡ଼ରେ ସର୍ବାଧିକ ୨୬, ପାରଳାଖେମୁଣ୍ଡିରେ ୧୯, ଗୋଷାଣି ବ୍ଲକରେ ୭, ଗୁମ୍ମା ବ୍ଲକରୁ ୯, କାଶୀନାଗର ବ୍ଲକରୁ ୮, ମୋହନା ବ୍ଲକରୁ ୭, ରାୟଗଡ଼ ବ୍ଲକରୁ ୭, ଉଦୟଗିରି ବ୍ଲକରୁ ଜଣେ ଏବଂ ଜିଲା ବାହାରୁ ଜଣେ ଚିହ୍ନଟ ହୋଇଛନ୍ତି। ସେହିପରି କୋଭିଡ୍‌ରେ ମୃତ୍ୟୁବରଣ କରିଥିବା ୨ ମହିଳା ପାରଳାଖେମୁଣ୍ଡିର ବୋଲି ଜଣାପଡ଼ିଛି। ସମସ୍ତ ସଂକ୍ରମିତଙ୍କ ମଧ୍ୟରୁ ୩୬ ଜଣ ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ବେଳେ ୪୩ କୋଭିଡ୍ ପରୀକ୍ଷାରେ ଏବଂ ୬ ଜଣ ବାହାରକୁ ଯାତ୍ରା କରିବା ସମୟରେ ଚିହ୍ନଟ ହୋଇଥିଲେ। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୮,୨୧୭ରେ ପହଞ୍ଚିଥିବା ବେଳେ ୭,୫୪୪ ଜଣ ସୁସ୍ଥ ହୋଇଛନ୍ତି।

## ୨୪ ଘଣ୍ଟାରେ କାର୍ଯ୍ୟକ୍ଷମ ହେଲା ଜଳ ପ୍ରକଳ୍ପ




**ଧରିତ୍ରୀ ପ୍ରଭାବ**

ମାଲକାନଗିରି, ୩୧।୫ (ଡି.ଏନ୍.ଏ.)

ମାଲକାନଗିରି ସଦର ବ୍ଲକ ଝରାପାଲ୍ଲୀ ପଞ୍ଚାୟତର ଝିଲେରିଗୁଡ଼ା ଗାଁରେ ୪ ମାସ ହେଲା ପାନୀୟ ଜଳ ପ୍ରକଳ୍ପ ଅଚଳ ପଡ଼ିଥିଲା। ଫଳରେ ଗ୍ରାମବାସୀ ଜଳକଷ୍ଟ ଭୋଗୁଥିଲେ। ଗ୍ରାମ ନିକଟ ଶ୍ମଶାନ ପୋଖରୀ ଜଳ ବ୍ୟବହାର କରୁଥିଲେ। ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ୨୪ ଘଣ୍ଟା ମଧ୍ୟରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଶୋକ କୁମାର ମହାନ୍ତିଙ୍କ ଉଦ୍ୟମରେ ମୋଟରକୁ କାର୍ଯ୍ୟକ୍ଷମ କରାଯାଇ ଗ୍ରାମବାସୀଙ୍କୁ ଜଳଯୋଗାଣ ହୋଇଛି।

## ତମାଖୁ ବର୍ଜନ ନେଇ ଶପଥ ପାଠ

ଗୁଣପୁର,୩୧।୫(ଡି.ଏନ୍.ଏ.)

**ଜିଆଇଇଟି ପକ୍ଷରୁ ତମାଖୁ ନିଷେଧ ଦିବସ ପାଳିତ**

ରାୟଗଡ଼ା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟ ପକ୍ଷରୁ ୱେବିନାର ମାଧ୍ୟମରେ ସୋମବାର ବିଶ୍ୱ ତମାଖୁ ନିଷେଧ ଦିବସ ପାଳିତ ହୋଇଯାଇଛି। ଏଥିରେ ବିଶ୍ୱ ବିଦ୍ୟାଳୟର ରେଜିଷ୍ଟ୍ରାର ଏନ୍.ଭି.ଜେ ରାଓ ଏବଂ ଏକାଡେମିକ ଡିନ୍ ଏ.ଭି.ଏନ.ଏଲ. ଶର୍ମା ଅଂଶଗ୍ରହଣ କରି ତମାଖୁ ପରିତ୍ୟାଗ ନିମନ୍ତେ ଶପଥ ପାଠ କରାଇଥିଲେ। ଏଥିରେ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଭାଗ ନେଇଥିଲେ। କାର୍ଯ୍ୟକ୍ରମକତ ଏନ୍‌ଏସ୍‌ଏସର ଆବାହକ ପ୍ରେମାଂଶୁ ଶେଖର ରଥ ପରିଚାଳନା କରିଥିଲେ।

## ଅତିରିକ୍ତ ଜିଲାପାଳଙ୍କୁ ଅବସର ସମ୍ବର୍ଦ୍ଧନା



କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ ।

ନବରଙ୍ଗପୁର, ୩୧।୫ (ବି.ପ୍ର.)

ନବରଙ୍ଗପୁର ଅତିରିକ୍ତ ଜିଲାପାଳ ନିମାଇଁ ଚରଣ ସୂତାର ସୋମବାର କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ଜିଲାପାଳ ଅଜିତ କୁମାର ମିଶ୍ରଙ୍କ ଅଧକ୍ଷତାରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅଫିସରେ ତାଙ୍କର କାର୍ଯ୍ୟଶୈଳୀ, କାର୍ଯ୍ୟଦକ୍ଷତା, ଅମାୟିକ ବନ୍ଧୁତା ଏବଂ ସମସ୍ତଙ୍କ ପ୍ରତି ତାଙ୍କର ନିଷ୍ଠାପର ସହଯୋଗକୁ ମନେପକାଇ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ସମସ୍ତେ ତାଙ୍କର ସୁସ୍ଥ ଓ ଦୀର୍ଘ ନୀରାମୟ ଜୀବନ କାମନା କରିଥିଲେ। ଏହି ସଭାରେ ଡିଆର୍‌ଡିଏ ପିଡି ରମାକାନ୍ତ ନାୟକ, ଉପଜିଲାପାଳ ଭାସ୍କର ରଇତ, ଡେପୁଟି ଜିଲାପାଳ ନିର୍ମଳ ନାୟକ, ମୌସୁମୀ ନାୟକ, ଅନାମିକା ପାଣ୍ଡେ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପଞ୍ଚାନନ ପଣ୍ଡା, ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ, ଆସିଷ୍ଟାଣ୍ଟ ଜିଲାପାଳ ପୁଷ୍ପାଞ୍ଜଳି ଦଣ୍ଡପାଟ, କମଳେଶ ମହନ୍ତ, ଜିଲାପାଳଙ୍କ ବ୍ୟକ୍ତିଗତ ସହାୟକ ଏ. ସୁରେଶ, ସମସ୍ତ ସେକ୍ସନ ଅଫିସର, ଡିଆଇଓ ବିଶ୍ୱରଞ୍ଜନ ଭୁକ୍ତା, ଅଶୋକ ଚକ୍ରବର୍ତ୍ତୀ, କବିତା ବ୍ରହ୍ମା, ଦୁର୍ଗାମାଧବ ପଣ୍ଡା, ସଞ୍ଜୀବ ପଣ୍ଡା, ସତ୍ୟନାରାୟଣ ସାହୁ, ସାମଲ ସିଂ, ହର୍ଷା ଜୈନ, ପ୍ରଫୁଲ୍ଲ ପାତ୍ର, ଜିତେନ୍ଦ୍ର ଚୌଧୁରୀ, ପ୍ରକାଶ ବାରିକ, ତ୍ରିଲୋଚନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ତମାଖୁ ବର୍ଜନ ବାର୍ତ୍ତାଦେବ ସଚେତନତା ରଥ

ମାଲକାନଗିରି,୩୧।୫(ଡି.ଏନ୍.ଏ.)

- ମାଲକାନଗିରିରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ
- ନିଶାମୁକ୍ତ ସମାଜ ଗଠନ ଲକ୍ଷ୍ୟ

ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ସୋମବାର ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମାଲକାନଗିରି ସିଡିଏମ୍‌ଓ ପ୍ରଫୁଲ କୁମାର ନନ୍ଦ ଏକ ସଚେତନତା ରଥର ଶୁଭ ଉଦ୍‌ଘାଟନ କରିଛନ୍ତି। ଏହି ସଚେତନତା ରଥ ଜିଲାର ବିଭିନ୍ନ ସ୍ଥାନରେ ବୁଲି ଲୋକଙ୍କୁ ତମାଖୁ ସେବନର କୁପ୍ରଭାବ ବିଷୟରେ ଅବଗତ କରାଇବା ସହ ତମାଖୁମୁକ୍ତ ଭାରତ ଗଠନରେ ସହାୟକ ହେବ ବୋଲି ସିଡିଏମ୍‌ଓ କହିଛନ୍ତି। ରାଜ୍ୟ ସରକାର ତମାଖୁ ବର୍ଜନ କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ତମାଖୁ ବିକ୍ରିକୁ ବେଆଇନ କରିବା ସହ ଏହାକୁ ବିକ୍ରି କରୁଥିବା ଦୋକାନୀଙ୍କ ଉପରେ ମଧ୍ୟ ବିଭିନ୍ନ ପ୍ରକାର କଡା ପଦକ୍ଷେପ ନେଉଛନ୍ତି। ତମାଖୁ ସେବନ କରିବା ଦ୍ୱାରା କ୍ୟାନସର ଭଳି ମାରାତ୍ମକ ରୋଗ ହୋଇଥାଏ। ଏହା ପରେ ମଧ୍ୟ ତମାଖୁ ବିକ୍ରି କମୁନାହିଁ ଏବଂ ଅନେକ ଲୋକ ଏହାକୁ ସେବନ କରି ରୋଗଗ୍ରସ୍ତ ହେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ସୋମବାର ବିଶ୍ୱ ତମାଖୁ ବର୍ଜନ ଦିବସରେ ମାଲକାନଗିରି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନକରିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ସୂଚନା ମିଳିଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଅନିଲ୍ ମିଶ୍ର ପ୍ରମୁଖଙ୍କ ସମେତ ମେଡିକାଲର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ସିଡିଏମ୍‌ଓ ଏବଂ ଅନ୍ୟମାନେ।

# ବିଷମକଟକ ବ୍ଲକ୍‌ର ୫୦୦ ଡଙ୍ଗରିଆ ନେଲେଣି ଟିକା

ବିଷମକଟକ,୩୧।୫(ଡି.ଏନ୍.ଏ.)

- ୪୫ ବର୍ଷରୁ ଉର୍ଦ୍ଧ୍ୱଙ୍କ ଟିକାକରଣ ପ୍ରକ୍ରିୟା
- କୁର୍ଲି ପଞ୍ଚାୟତରେ ୧୪୩ ଜଣଙ୍କୁ ଟିକାକରଣ

ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ନିୟମଗିରି ପାଦଦେଶରେ ବସବାସ କରୁଥିବା ଡଙ୍ଗରିଆଙ୍କ କରୋନା ଟିକାକରଣ ପ୍ରକ୍ରିୟା ଚାଲିଛି। ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ବିଷମକଟକ, କଲ୍ୟାଣସିଂହପୁର ଏବଂ ମୁନିଗୁଡ଼ା ବ୍ଲକ୍ ଅଞ୍ଚଳରେ ପ୍ରାଥମିକ ପର୍ଯ୍ୟାୟରେ ୪୫ ବର୍ଷରୁ ଉର୍ଦ୍ଧ୍ୱଙ୍କୁ ଟିକାକରଣ ଚାଲିଛି। ବିଷମକଟକ ବ୍ଲକ୍ କୁର୍ଲି ପଞ୍ଚାୟରେ ମଧ୍ୟ ଟିକାକରଣ ଆରମ୍ଭ ହୋଇଛି। ଚାଟକଣା ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା(ଡିକେଡିଏ) ଓ ବ୍ଲକ୍ ପ୍ରଶାସନର ଉପସ୍ଥିତରେ ପଞ୍ଚାୟତର ହୁଣ୍ଡିଝାଲି, ମୁଣ୍ଡଲି, ରଡାଗାଁ ଓ ଘରତଲୀ ଗାଁରେ ସୋମବାର ଲୋକଙ୍କୁ ଟିକାକରଣ କରାଯାଇଛି। ଏହି ଟିକା କେନ୍ଦ୍ରରେ ୨୦୦ ବିରଳ ଜନଜାତି ଡଙ୍ଗରିଆ କନ୍ଧଙ୍କୁ ଟିକକରଣର ବ୍ୟବସ୍ଥା କାରଯାଇଥିବାବେଳେ ୧୪୩ ଜଣ ଟିକା ନେଇଥିବା ଜଣାପଡ଼ିଛି।

ଟିକାକରଣ ନିମନ୍ତେ ୩ ଟିମ୍ ଗଠିତ ହୋଇଛି। ଡିକେଡିଏର ପ୍ରକଳ୍ପ ପରିଚାଳକ ସୁଦର୍ଶନ ପାଢ଼ୀ, ବିଷମକଟକ ବିଡିଓ ଆଲବର୍ଟ ଲାକଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟ ବିଭାଗ ଟିମ୍ ସାହାଯ୍ୟରେ ଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକାକରଣ କରାଯାଇଥିଲା। ଡିକେଡିଏ ପକ୍ଷରୁ ଡଙ୍ଗରିଆମାନଙ୍କୁ ବୁଝାଶୁଝା କରି ସ୍ୱତନ୍ତ୍ର ଗାଡ଼ିରେ ନେଇ ଟିକା ଦିଆଯାଇ ପୁଣି ଘରେ ଛଡ଼ାଯାଇଥିଲା। ଯେଉଁ ଗାଁକୁ ଚାରି ଚକିଆ ଗାଡ଼ି ଯିବାର ସୁବିଧା ନାହିଁ ସେଠାରୁ ବାଇକ୍‌ରେ ଲୋକଙ୍କୁ ଆଣି ଟିକାର ବ୍ୟବସ୍ଥା କରାଯାଇଥିଲା।



ବିଡିଓ ଏବଂ ଡିକେଡିଏ ପ୍ରକଳ୍ପ ପରିଚାଳକଙ୍କ ଉପସ୍ଥିତିରେ ଜଣେ ଡଙ୍ଗରିଆ ଟିକା ନେଉଛନ୍ତି।

ସୋମବାର ରଡାଗାଁରୁ ୪୪, ହୁଣ୍ଡିଜାଲିରୁ ୪୪, ମୁଣ୍ଡାବଲିରୁ ୩୩, ଘରତଲିରୁ ୨୨ ଜଣଙ୍କୁ ନେଇ ଟିକାକରଣ କେନ୍ଦ୍ରରେ ପହଞ୍ଚାଇବା ପରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଟିକା ଦିଆଯାଇଥିଲା। ଏଥିରେ ଅଙ୍ଗନୱାଡ଼ି କର୍ମୀ, ଫାର୍ମାସିଷ୍ଟ ଏବଂ ସ୍ୱାସ୍ଥ୍ୟକର୍ମୀ କୁମାରୀ କୌଶଲ୍ୟା, ଜିତୁ ଜାକାସିକା, ସୁରେଶ ୱାଡେକ, ନାଘନ ୱାଡେକା, ସ୍ୱରୂପ ପଟ୍ଟନାୟକ, ତପନ କୁମାର ନାୟକ ଗୋବର୍ଦ୍ଧନ ୱଡେକା, ଏଏନ୍‌ଏମ୍ ଲବିକା ଶବର, କୁନ୍ତଳା ଟାକିରି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଏ ପର୍ଯ୍ୟନ୍ତ ବିଷମକଟକ ବ୍ଲକ୍‌ରେ ୪୫ ବର୍ଷରୁ ଉର୍ଦ୍ଧ୍ୱ ୯୫୭ ଡଙ୍ଗରିଆଙ୍କ ମଧ୍ୟରୁ ୫୦୦ ଜଣଙ୍କୁ ଟିକାକରଣ ସରିଥିବା ଜଣାପଡ଼ିଛି।

